بسم الله الرحمن الرحيم

**ଖୁତ୍‌ବା ଜୁମା ୯ ଏପ୍ରିଲ୍ ୨୦୨୧ରେ ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜ୍ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବି ହଜ୍ରତ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ହଜ୍‌ରତ ଉସ୍‌ମାନ୍ ର.ଅଙ୍କ ସଂପର୍କରେ ଚର୍ଚ୍ଚା ଅବ୍ୟାହତ ରହିଛି, ହ. ଉସ୍‌ମାନ୍ ର.ଅଙ୍କର କେଉଁ ସ୍ତରର ମର୍ଯ୍ୟାଦା ରହିଥିଲା ଏ ସଂକ୍ରାନ୍ତରେ ହ. ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ କାଳରେ ଆମମାନଙ୍କ ମଧ୍ୟରୁ ଲୋକମାନେ ପରସ୍ପରକୁ ଉତ୍କୃଷ୍ଟ ବୋଲି ବିଚାର କରୁଥିଲେ । ଅତଏବ ଲୋକେ କହୁଥିଲେ ହ. ଅବୁ ବକର୍ ର.ଅ ହେଉଛନ୍ତି ସର୍ବୋତ୍କୃଷ୍ଟ ବ୍ୟକ୍ତି, ତାଙ୍କ ପରେ ହ. ଉମର୍ ବିନ୍ ଖତ୍ତାବ୍ ର.ଅ ସର୍ବୋତ୍କୃଷ୍ଟ ଅଟନ୍ତି, ତାଙ୍କ ପରେ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ସର୍ବୋତ୍କୃଷ୍ଟ ଅଟନ୍ତି । ସେହିପରି ମୁହମ୍ମଦ ବିନ୍ ହନ୍‌ଫିୟା ନିଜର ପିତା ହ. ଅଲୀ ର.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜ ପିତାଙ୍କୁ ପ୍ରଶ୍ନ କଲି ଯେ, ମୁସଲମାନମାନଙ୍କ ମଧ୍ୟରୁ ସର୍ବୋତ୍ତମ ବ୍ୟକ୍ତି କିଏ ? ହ. ଅଲୀ ର.ଅ ଉତ୍ତରରେ ଏହି କ୍ରମିକତା ଦର୍ଶାଇଲେ । ଯେତେବେଳେ ହ. ଅଲୀ ର.ଅଙ୍କୁ ପ୍ରଶ୍ନ କରାଗଲା ଯେ, ହ. ଉସ୍‌ମାନ୍ ର.ଅଙ୍କ ପରେ ଆପଣ ସର୍ବୋତ୍କୃଷ୍ଟ ବ୍ୟକ୍ତି ଅଟନ୍ତି କି ? ହ. ଅଲୀ ର.ଅ ଉତ୍ତର ଦେଲେ ମୁଁ ମୁସଲମାନମାନଙ୍କ ମଧ୍ୟରୁ ଜଣେ ସାଧାରଣ ବ୍ୟକ୍ତି ଅଟେ ।

ଆଁହଜ୍‌ରତ ସ.ଅଙ୍କ ଦୃଷ୍ଟିରେ ହ. ଉସ୍‌ମାନ୍ ର.ଅଙ୍କ କ'ଣ ମର୍ଯ୍ୟାଦା ରହିଥିଲା ଏହାର ଅନୁମାନ ଉକ୍ତ ଘଟଣାରୁ ଲଗାଯାଇ ପାରିବ ଯେ, ଏକଦା ହୁଜର ସ.ଅଙ୍କ ସେବାରେ ଜଣେ ବ୍ୟକ୍ତିର ଯନାଜାଃ ଅଣାଗଲା । କିନ୍ତୁ ଆଁହଜ୍‌ରତ ସ.ଅ ସେହି ବ୍ୟକ୍ତିର ନମାଜ଼ ଯନାଜ଼ାଃ ପଢିଲେ ନାହିଁ । କେହି ଜଣେ କହିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆଜି ପୂର୍ବରୁ କେବେହେଲେ ଦେଖି ନାହୁଁ ଯେ, ଆପଣ ସ.ଅ ନମାଜ଼ ଯନାଜ଼ାଃ ପଢିବାରୁ ନିବୃତ୍ତ ରହିଛନ୍ତି । ଆଁହଜ୍‌ରତ ସ.ଅ କହିଲେ ଏହି ବ୍ୟକ୍ତି ହ. ଉସ୍‌ମାନ୍ ର.ଅଙ୍କ ସହିତ ବୈରାଗ୍ୟ ଭାବ ରଖୁଥିଲା । ତେଣୁ ମୁଁ ଏହି ବ୍ୟକ୍ତିର ନମାଜ଼ ଯନାଜଃ ପଢିବି ନାହିଁ ।

ହ. ଉସ୍‌ମାନ୍ ର.ଅଙ୍କ ନ୍ୟାୟପରାୟଣତା ଏଭଳି ଥିଲା ଯେ, ଏକଦା ହ. ଉସ୍‌ମାନ୍ ର.ଅଙ୍କ ଭାଇ ୱଲିଦ୍ ସଂପର୍କରେ ଯେତେବେଳେ ଅଭିଯୋଗ ମିଳିଲା ସେତେବେଳେ ହ. ଉସ୍‌ମାନ୍ ର.ଅ ତାଙ୍କୁ ମଧ୍ୟ ଦଣ୍ଡ ଦେଇଥିଲେ । ହ. ଉସ୍‌ମାନ୍ ର.ଅ ଦଣ୍ଡ ଦେବାରେ ସଂପର୍କୀୟଙ୍କୁ ମଧ୍ୟ ଖାତିର କଲେ ନାହିଁ । ଅତଏବ ହ. ଉସ୍‌ମାନ୍ ର.ଅ ନିଜ ଭାଇଙ୍କୁ ଦୁଇଗୁଣା ଦଣ୍ଡ ଦେଇଥିଲେ । ଅର୍ଥାତ ଚାଳିଶ ପରିବର୍ତ୍ତେ ୮୦ ଚାବୁକ ପ୍ରହାର କରିବାର ଦଣ୍ଡ ଦେଇଥିଲେ ।

ହ. ଉସ୍‌ମାନ୍ ର.ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ହମ୍ରାନ୍ ବର୍ଣ୍ଣନା କରନ୍ତି ଯେ, ଏକଦା ହ. ଉସ୍‌ମାନ୍ ର.ଅ ଏକ ପାତ୍ରରେ ପାଣି ମଗେଇଲେ ଏବଂ ଭଲ ଭାବରେ ୱଜୁ କଲେ । ପୁନଶ୍ଚ କହିଲେ ଯେ, ରସୁଲୁଲ୍ଲାଃ ସ.ଅ କହୁଥିଲେ ଯେ, ଯେଉଁ ବ୍ୟକ୍ତି ମୋ ୱଜୁ ପରି ୱଜୁ କଲା ଏବଂ ପୁଣି ଏହିପରି ଅର୍ଥାତ ମୋ ଭଳି ଦୁଇ ରେକାତ ନମାଜ଼ ପଢିଲା ଏବଂ ଲୋକମାନଙ୍କ ସହିତ ବାର୍ତ୍ତାଳାପ କଲା ନାହିଁ । ତାହାହେଲେ ୱଜୁ ପୂର୍ବରୁ ତା ଦ୍ୱାରା ଯେତେ ପାପ ସମ୍ପାଦିତ ହୋଇଥିବ, ସେହି ସମସ୍ତ ପାପକୁ ଅଲ୍ଲାଃତାଲା କ୍ଷମା ଦେବେ ।

ଜୁମା ଦିନ ଦ୍ୱିତୀୟ ଅଜ଼ାନର ଆଧିକ୍ୟତା ମଧ୍ୟ ହ. ଉସ୍‌ମାନ୍ ର.ଅଙ୍କ କାଳରେ ହୋଇଥିଲା । ଏହା ପୂର୍ବରୁ ଜୁମା ଦିନ ଯେତେବେଳେ ଇମାମ୍ ମଞ୍ଚ ଉପରେ ବିରାଜମାନ ହେଉଥିଲେ ସେତେବେଳେ ପ୍ରଥମ ଅଜ଼ାନ କେବଳ ନବୀ କରୀମ୍ ସ.ଅ, ହ. ଅବୁ ବକ୍କର୍ ର.ଅ ଓ ହ. ଉମର୍ ର.ଅଙ୍କ କାଳରେ ହିଁ ହେଉଥିଲା । ପୁନଶ୍ଚ ଯେତେବେଳେ ହ. ଉସ୍‌ମାନ୍ ର.ଅଙ୍କ କାଳରେ ଜନସଂଖ୍ୟା ବୃଦ୍ଧି ଘଟିଲା ସେତେବେଳେ ହ. ଉସ୍‌ମାନ୍ ର.ଅ ହିଁ ଦ୍ୱିତୀୟ ଅଜ଼ାନର ପ୍ରଚଳନ କରିଥିଲେ । ଅର୍ଥାତ ଦ୍ୱିତୀୟ ଅଜ଼ାନ ମସ୍‌ଜିଦ୍‌ର ଦ୍ୱାର ନିକଟରେ ପଡ଼ିଥିବା ଏକ ପ୍ରସ୍ତର ଉପରେ ଛିଡ଼ା ହୋଇ ଦିଆ ଯାଉଥିଲା ।

ପବିତ୍ର ଇଦ୍ ପର୍ବ ଉପଲକ୍ଷେ ଜୁମା ନମାଜ଼ରେ କୋହଳତା ସଂପର୍କରେ ବର୍ଣ୍ଣନା ଦେଖିବାକୁ ମିଳେ । ହ. ଉସ୍‌ମାନ୍ ର.ଅ ଇଦ୍ ନମାଜ଼ ପଢାଇଥିଲେ । ପୁନଶ୍ଚ ଲୋକଙ୍କୁ ସମ୍ବୋଧିତ କରି କହିଲେ, ହେ ଲୋକମାନେ ! ଏହି ହେଉଛି ସେହି ଦିନ ଯେଉଁ ଦିନରେ ଦୁଇଟି ଇଦ୍ ଏକତ୍ରିତ ହୋଇଯାଇଛି । ଅତଏବ ମଦିନାର ଆଖପାଖରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ଜୁମା ପାଇଁ ଅପେକ୍ଷା କରିବାକୁ ଚାହୁଁଛି ତାହାହେଲେ ସେମାନେ ଅପେକ୍ଷା କରିପାରିବେ ଏବଂ ଯେଉଁ ବ୍ୟକ୍ତି ଫେରି ଯିବାକୁ ଚାହୁଁଛି ତାହାହେଲେ ସେହି ବ୍ୟକ୍ତିକୁ ମୋ ପକ୍ଷରୁ ଯିବାକୁ ଅନୁମତି ପ୍ରଦାନ କରାଯାଉଛି ।

ହୁଜୁର୍ ଅନୱର୍ ଅ.ବ କହିଲେ "**ଫିକାଃ ଅହେମଦିୟା**"ରେ ଗୋଟିଏ କଥା ଉଲ୍ଲେଖ ରହିଛି ଯାହା ସଂପର୍କରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରମାଣ ମିଳି ନାହିଁ । ସେଠାରେ ଏହି ବର୍ଣ୍ଣନା ଉଲ୍ଲିଖିତ ଅଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର ର.ଅ କହିଲେ: ଗୋଟିଏ ଦିନରେ ଦୁଇଟି ଇଦ୍ ଏକତ୍ରିତ ହୋଇ ଯାଇଛି, ଏହାକୁ ଏକତ୍ରିତ କରି ପାଠ କରାଯିବ । ଅତଏବ ହ. ଉସ୍‌ମାନ୍ ର.ଅ ଉଭୟ ନମାଜ଼ ପାଇଁ ଦୁଇ ରେକାତ୍ ନମାଜ଼ ଦ୍ୱିପ୍ରହର ପୂର୍ବରୁ ପଢିଥିଲେ । ଏହାପରେ ଅସର୍ ପର୍ଯ୍ୟନ୍ତ କୌଣସି ନମାଜ଼ ପଢିଲେ ନାହିଁ । ହୁଜୁର ଅନୱର ଅ.ବ କହିଲେ ଯେ, ଏ ସଂକ୍ରାନ୍ତରେ ବର୍ତ୍ତମାନ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ହ. ଖଲିଫତୁଲ୍ ମସିହ ରାବେ (ଚତୁର୍ଥ) ର.ଅ ମଧ୍ୟ ଏହିପରି କହିଥିଲେ ଯେ, ଏହି ଦୁଇ ନମାଜ଼କୁ ଏକତ୍ରିତ କରି ପାଠ କରିନେବା ଉଚିତ । କାରଣ ଏଭଳି କୌଣସି ବର୍ଣ୍ଣନା ମିଳି ନାହିଁ ଯାହାକି ପ୍ରତ୍ୟକ୍ଷ ରୂପେ ଆଁହଜ଼ରତ ସ.ଅଙ୍କ କାର୍ଯ୍ୟାନ୍ୱିତ ଏବଂ ସୁନ୍ନତ ମାଧ୍ୟମରେ ପ୍ରମାଣିତ ହୋଇଥାଏ । ଏହାର ଅପର ପକ୍ଷରେ ଜ଼ୋହୋର ନମାଜ଼କୁ ଛାଡ଼ି ଦିଆଯାଇଥିବ ।

ଏକଦା ହ. ଉମର୍ ର.ଅ ଜୁମାର ଖୁତ୍‌ବା ଦେଉଥିଲେ କି ହ. ଉସ୍‌ମାନ୍ ର.ଅ ମସ୍‌ଜିଦ୍‌ରେ ପ୍ରବେଶ କଲେ । ହ. ଉମର୍ ର.ଅ ଇଙ୍ଗିତ ଆକାରରେ କହିଲେ ଯେ, ଲୋକମାନଙ୍କୁ କ'ଣ ହୋଇ ଯାଇଛି ଯେ, ସେମାନେ ଅଜାନ୍ ଶୁଣିବା ପରେ ବି ବିଳମ୍ବରେ ଜୁମାକୁ ଆସୁଛନ୍ତି । ପ୍ରତ୍ୟୁତ୍ତରରେ ହ. ଉସ୍‌ମାନ୍ ର.ଅ କହିଲେ ଯେ, ହେ ଅମୀରୁଲ୍ ମୁମିନିନ୍ ! ମୁଁ ତ' ଅଜ଼ାନ ଶୁଣିବା ମାତ୍ରେ ୱଜୁ କରି ନମାଜ଼ ପାଇଁ ଶୀଘ୍ର ବାହାରି ଆସେ । ହ. ଉମର୍ ର.ଅ କହିଲେ କେବଳ ୱଜୁ ! କ'ଣ ଆପଣ ସେ ଆଁହଜ଼ରତ ସ.ଅଙ୍କୁ କହୁଥିବାର ଶୁଣି ନାହଁ ଯେ, ତୁମମାନଙ୍କ ମଧ୍ୟରୁ ଯେତେବେଳେ କୌଣସି ବ୍ୟକ୍ତି ଜୁମା ପାଇଁ ଆସ ତୁମକୁ ସ୍ନାନ କରି ଆସିବା ଉଚିତ ।

ହ. ଉସ୍‌ମାନ୍ ର.ଅ ହଦିସ୍ ବର୍ଣ୍ଣନା କରିବାରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଥିଲେ । ଅତଏବ ଅନ୍ୟ ସାହାବାମାନଙ୍କ ସଂପର୍କରେ ହ. ଉସ୍‌ମାନ୍ ର.ଅ ମର୍‌ଫୁ (ଅକାଟ୍ୟ) ହଦିସଗୁଡ଼ିକ ଖୁବ କମ୍ ବର୍ଣ୍ଣିତ ହୋଇଛି । ଉସ୍‌ମାନ୍ ର.ଅଙ୍କ ଦ୍ୱାରା ୧୪୬ ଗୋଟି ମୋଟ ହଦିସ୍ ବର୍ଣ୍ଣନା ହୋଇଛି । ହ. ଉସ୍‌ମାନ୍ ର.ଅ କହନ୍ତି ଯେ, ମୁଁ ରସୁଲ୍ କରୀମ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଛି ଯେ, ଯେଉଁ ବ୍ୟକ୍ତି ଏହା କହେ ଯେ, ମୁଁ ଆଁହଜ଼ରତ ସ.ଅଙ୍କ ଠାରୁ ଅମକ ହଦିସ୍ ଶୁଣିଛି । କିନ୍ତୁ ମୁଁ ତାହା କହି ନାହିଁ । ତେବେ ସେହି ବ୍ୟକ୍ତିର ଠିକଣା ନର୍କ ଅଟେ ।

ବର୍ଣ୍ଣନାନୁଯାୟୀ ହ. ଉସ୍‌ମାନ୍ ର.ଅ ୮ଟି ବିବାହ କରିଥିଲେ । ଏହି ସମସ୍ତ ବିବାହ ହ. ଉସ୍‌ମାନ୍ ର.ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ କରିଥିଲେ । ହ. ମସିହ ମଉଦ ଅ.ସ କହନ୍ତି ମୁଁ ଏହା ମନେ କରୁଛି ଯେ, କୌଣସି ବ୍ୟକ୍ତି ସେପର୍ଯ୍ୟନ୍ତ ବିଶ୍ୱାସକାରୀ ଓ ମୁସଲମାନର ପଦବାଚ୍ୟ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ସେ ଅବୁ ବକ୍କର ର.ଅ, ହ. ଉମର୍ ର.ଅ, ହ. ଉସ୍‌ମାନ୍ ର.ଅ, ହ. ଅଲୀ ର.ଅଙ୍କ ଭଳି ସାଦୃଶ୍ୟତା ନିଜ ମଧ୍ୟରେ ସୃଷ୍ଟି ନକରିଛି । ଏହି ସମସ୍ତ ମହାନ

ସାହାବାମାନେ ପ୍ରକୃତ ପକ୍ଷରେ ଇସ୍‌ଲାମ୍ ଧର୍ମର ଜଣେ ଜଣେ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ସେମାନେ ନିଜ ଜୀବନ ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ କରି ଦେଇଥିଲେ । ହ. ମସିହ ମଉଦ ଅ.ସ କହିଲେ: ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି ! ଅଲ୍ଲାଃତାଲା ଶେଖୈନ୍ ଏବଂ ତୃତୀୟ ଜୁନୁରୈନ୍ ପ୍ରତ୍ୟେକଙ୍କୁ ଇସ୍‌ଲାମ୍‌ର ଦ୍ୱାର ଏବଂ ପୁରୁଷୋତ୍ତମ ମୁହମ୍ମଦ ମୁସ୍ତଫା ସ.ଅଙ୍କ ସୈନ୍ୟବହିନୀର ପ୍ରତ୍ୟେକ ପ୍ରଥମ ସୈନ୍ୟ ଟୁକୁଡ଼ି ପ୍ରସ୍ତୁତ କରିଥିଲେ ।

ପୁନଶ୍ଚ ଶିୟା ସଂପ୍ରଦାୟର ଚର୍ଚ୍ଚା କରି ହ. ମସିହ ମଉଦ ଅ.ସ କହନ୍ତି: ଆମେମାନେ ତୁମ ଗାଳିର କ'ଣ ଅଭିମାନ କରିବୁ ? କାରଣ ତୁମେମାନେ ସାହାବାମାନଙ୍କୁ ଗାଳି ଦେଉଛ ଏବଂ ଉମ୍ମୁହାତୁଲ୍ ମୁମିନିନଙ୍କୁ ଶ୍ରାପିତ କରି ସ୍ମରଣ କରୁଛ । ତୁମେମାନେ ଏହା ଭାବୁଛ ଯେ, ଅଲ୍ଲାଃତାଲାଙ୍କ ପୁସ୍ତକରେ ଅତିଶୟତା ଓ ଅତିନିମ୍ନତା ଅବଲମ୍ବନ କରାଯାଇଛି । ତୁମେମାନେ ପବିତ୍ର କୁରଆନ୍ ସଂପର୍କରେ କହୁଛ ଯେ, ପ୍ରଚଳିତ ପାଣ୍ଡୁଲିପି ହେଉଛି **ବୟାଜ଼େ ଉସ୍‌ମାନି** ଏବଂ ଅଲ୍ଲାଃତାଲାଙ୍କ ତରଫରୁ ନାହିଁ । ତୁମେମାନେ ଇସ୍‌ଲାମ୍‌କୁ ଏହିପରି ଭାବି ନେଇଛ ଯେପରି ଏକ ନିର୍ଜନ ଭୂମି ଯେଉଁ ଭୂମି ଶୁଷ୍କ ଏବଂ ସବୁଜିମା ଶୂନ୍ୟ ଅଟେ । ହ. ମସିହ୍ ମଉଦ୍ ଅ.ସ କହିଲେ ମୋ ପ୍ରଭୁଙ୍କ ପକ୍ଷରୁ ଖିଲାଫତ୍ ସଂପର୍କରେ ମୋତେ ପ୍ରମାଣଭିତ୍ତିକ ଶିକ୍ଷା ପ୍ରଦାନ କରାଯାଇଛି । ମୋ ଉପରେ ମୋର ପ୍ରଭୁ ଏହା ସ୍ପଷ୍ଟ ପ୍ରକାଶ୍ୟ କରିଛନ୍ତି ଯେ, ସିଦ୍ଦିକ୍, ଫାରୁକ୍, ଉସ୍‌ମାନ୍ ର.ଅ ପୁଣ୍ୟବାନ ଓ ବିଶ୍ୱାସକାରୀ ବ୍ୟକ୍ତି ଥିଲେ । ଏହି ପୁଣ୍ୟାତ୍ମା ବ୍ୟକ୍ତିମାନେ ସେହି ଲୋକ ଅଟନ୍ତି ଯେଉଁ ଲୋକଙ୍କୁ ଅଲ୍ଲାଃତାଲା ଚୟନ କରି ନେଇଥିଲେ । ହୁଜୁର ଅନ୍‌ୱର ର.ଅ କହିଲେ ଯେ, ଏଥିସହ ହ. ଉସ୍‌ମାନ୍ ର.ଅଙ୍କ ଚର୍ଚ୍ଚା ଏଠାରେ ସମାପ୍ତ ହେଲା । **ଇନ୍‌ଶାଅଲ୍ଲାଃ** ଆସନ୍ତା ସପ୍ତାହକୁ ହ. ଉମର୍ ର.ଅଙ୍କ ଚର୍ଚ୍ଚା ଆରମ୍ଭ ହେବ ।

ଏହାପରେ ହୁଜୁର ଅନୱର୍ ଅ.ବ କହିଲେ ଆଜି ମୁଁ ଏକ ନୂତନ ୱେବ୍‌ସାଇଟ୍ ଲଞ୍ଚ କରିବି । ଏହା କୁରଆନ୍ ସର୍ଚ୍ଚର ପ୍ରଥମ ଭର୍ଜନ ଅଟେ । ସେହି ୱେବ୍‌ସାଇଟର ନାମ ହେଲା Holyquran.io । ଏହି ୱେବ୍‌ସାଇଟ୍ ଅଲ ଇସ୍‌ଲାମ୍‌ରୁ ପୃଥକ୍ ରୂପେ ଦେଖା ଯାଇପାରିବ । ଯେକୌଣସି ପରିସ୍ଥିତିରେ ସୁରତ୍‌ର ଶବ୍ଦ, ଆୟତ୍‌ର ଶବ୍ଦ କିମ୍ବା ବିଷୟବସ୍ତୁକୁ ଆରବୀ, ଇଂରାଜୀ କିମ୍ବା ଉର୍ଦ୍ଦୁ ଭାଷାରେ ଏକ ନୂତନ ସର୍ଚ୍ଚ ଇଞ୍ଜିନ ମାଧ୍ୟମରେ ସର୍ଚ୍ଚ କରା ଯାଇପାରିବ । ଏହା ଉଭୟ ଅହେମଦି ଏବଂ ଅଣଅହେମଦି ଅନୁବାଦ ସହିତ ଦେଖିହେବ । ପ୍ରତ୍ୟେକ ଆୟତ ସହିତ ତାହାର ବ୍ୟାଖ୍ୟା, ବିସ୍ତୃତ ବିବରଣୀ ତଥା ତତ୍‌ସଂପର୍କିତ ଅନ୍ୟ ଆୟତ ମଧ୍ୟ ଦେଖା ଯାଇପାରିବ । ଏହା ବ୍ୟତୀତ ଅଲ୍ ଇସ୍‌ଲାମ୍ ୱେବ୍‌ସାଇଟରେ ପବିତ୍ର କୁରଆନ ପଢିବା, ଶୁଣିବା ଏବଂ ସର୍ଚ୍ଚ କରାଯାଇ ପାରିବ । ଏହି ୱେବ୍‌ସାଇଟର ନୂତନ ଭର୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଛି। ଅଲ୍ଲାଃତାଲାଙ୍କ ନିକଟରେ କେବଳ ଏତିକି ପ୍ରାର୍ଥନା ଯେ, ପବିତ୍ର କୁରଆନର ଏହି ପ୍ରୋଜେକ୍ଟ ଏବଂ ଏହାର ସୁନ୍ଦର ଶିକ୍ଷାକୁ ପୃଥିବୀରେ ପ୍ରସାରିତ କରିବାର କାରଣ ହେଉ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦ ମଧ୍ୟ ଉକ୍ତ ୱେବ୍‌ସାଇଟରୁ ଭରପୁର ଲାଭାନ୍ୱିତ ହୁଅନ୍ତୁ । ଆମିନ୍ । ଏଥିସହ ମୁଁ ପାକିସ୍ତାନର ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରିବାକୁ ନିବେଦନ କରୁଛି ।

ଏହାପରେ ହୁଜୁର ଅନୱର୍ ଅ.ବ କହିଲେ: ବର୍ତ୍ତମାନ ମୁଁ କେତେକ ମୃତକଙ୍କର ଯନାଜ଼ାଃ ପଢେଇବି ଏବଂ ସେମାନଙ୍କର ଚର୍ଚ୍ଚା କରିବି । ତନ୍ମଧ୍ୟରୁ **ପ୍ରଥମ** ମୃତକ ହେଉଛନ୍ତି ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ସାଦିକ୍ ଦୁର୍ଗାରାମ ପୁରୀ ସାହେବ ଅଟନ୍ତି । **ଦ୍ୱିତୀୟ** ଯନାଜାଃ ହେଉଛି ସମ୍ମାନନୀୟା ମୁଖ୍‌ତାରା ବିବି ସାହେବାଙ୍କର । **ତୃତୀୟ** ଯନାଜ଼ାଃ ହେଉଛି ମନ୍‌ଜୁର ଅହେମଦ୍ ଶାଦ୍ ସାହେବଙ୍କର । **ଚତୁର୍ଥ** ଯନାଜ଼ାଃ ହେଉଛି ସମ୍ମାନନୀୟ ୟୁ.ଏସ୍.ଏର ସ୍ୱର୍ଗତା ହମଦୀ ଅଖ୍‌ତର୍ ସାହେବାଙ୍କର । **ପଞ୍ଚମ** ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ନାସିର୍ ପେଡ୍ରୋଷ୍ଟେନ ସାହେବଙ୍କର । **ଷଷ୍ଠ** ଯନାଜ଼ାଃ ହେଉଛି କାନାଡ଼ାର ସମ୍ମାନନୀୟା ରଜ଼ିୟା ତନ୍‌ୱିର୍ ସାହେବାଙ୍କର । **ସପ୍ତମ** ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମିଆଁ ମନ୍‌ଜୁର ଅହେମଦ ଗାଲିବ୍ ସାହେବଙ୍କର । **ଅଷ୍ଟମ** ଯନାଜ଼ାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ବୁଶ୍ରା ହମିଦ୍ ଅନ୍‌ୱର ଉଦ୍‌ନୀ ସାହେବାଙ୍କର । **ନବମ** ଯନାଜ଼ାଃ ହେଉଛି ସମ୍ମାନନୀୟା ନୁରୁସ୍‌ସାହ ଜଫର୍ ସାହେବାଙ୍କର । **ଦଶମ** ଯନାଜ଼ାଃ ହେଉଛି ସୁଲ୍‌ତାନ ଅଲୀ ରିହାନ୍ ସାହେବଙ୍କର । **ଏକାଦଶ** ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଖାଲିଦ୍ ସାଆଦୁଲ୍ଲାଃ ଅଲ୍‌ମିସ୍ରୀ ସାହେବଙ୍କର । **ଦ୍ୱାଦଶ** ଯନାଜାଃ ହେଉଛି ରବ୍‌ୱା ଦାରୁଲ୍ ଫଜଲ୍‌ର ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ମୁନୀର ସାହେବଙ୍କର ।

**ତ୍ରୟୋଦଶ** ଯନାଜାଃ ହେଉଛି ରବ୍‌ୱା ଦାରୁଲ୍ ବର୍କାତର ସମ୍ମାନନୀୟ ସ୍ୱର୍ଗତ ମାଷ୍ଟର ନଜୀର୍ ଅହେମଦ ସାହେବଙ୍କ । ହୁଜୁର ଅ.ବ ଏହି ସମସ୍ତ ମୃତକମାନଙ୍କ ସୁଗୁଣାବଳୀର ଚର୍ଚ୍ଚା କଲେ ।

**ଚତୁର୍ଦ୍ଦଶ** ଯନାଜାଃ ହେଉଛି ମୌଲବୀ ଗୁଲାମ୍ କ଼ାଦିର୍ ସାହେବଙ୍କର । ସେ ଜାମ୍ମୁକାଶ୍ମୀର ରାଜ୍ୟର ରାଜୋରୀ ଜିଲ୍ଲା ଅନ୍ତର୍ଗତ କାଲାବନ୍‌ର ମୁବଲ୍ଲିଗ୍ ସିଲସିଲା ଏବଂ ୱାକ୍‌ଫ ଜିନ୍ଦେଗୀ ଥିଲେ । ମାର୍ଚ୍ଚ ମାସ ୨୬ ତାରିଖ ଦିନ ୫୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।** ସ୍ୱର୍ଗତ ମୌଲବୀ ଗୁଲାମ୍ କ଼ାଦିର୍ ସାହେବଙ୍କ ବଂଶରେ ଅହେମଦିୟତ୍ ତାଙ୍କ ଦଦା ସମ୍ମାନନୀୟ ବାହାଦୁର ଅଲୀ ସାହେବଙ୍କ ମାଧମରେ ଆସିଥିଲା । ଅଲ୍ଲାଃତାଲାଙ୍କ କୃପାରୁ ଉକ୍ତ ବଂଶର ୧୩ ଜଣ ସଦସ୍ୟ ଅଦ୍ୟାବଧି ଜମାଅତ୍‌ର ସେବା କରିବାରେ ନିମଜ୍ଜିତ ତଥା ଅଭ୍ୟସ୍ତ ଅଟନ୍ତି । ସ୍ୱର୍ଗତ ମୁବଲ୍ଲିଗ୍ ସାହେବଙ୍କୁ ୩୪ ବର୍ଷ ୬ ମାସ ଜମାଅତ୍‌ର ସେବା କରିବାକୁ ସୌଭାଗ୍ୟ ଲାଭ ହୋଇଥିଲା । ସ୍ୱର୍ଗତ ଗୁଲାମ ସାହେବଙ୍କର ଯେଉଁଠି ବି ନିଯୁକ୍ତି ଏବଂ ବଦଳି ହେଉଥିଲା ସେଠାରେ ସେ ପ୍ରସନ୍ନଚିତ୍ତର ସହକାରେ ସଂପୂର୍ଣ୍ଣ ପରିଶ୍ରମ ଏବଂ ଅକ୍ଳାନ୍ତ ଉଦ୍ୟମ ବଳରେ ଶିକ୍ଷା ଏବଂ ସଂସ୍କାରର ଦାୟିତ୍ୱ ଶେଷ ସମୟ ପର୍ଯ୍ୟନ୍ତ ନିର୍ବାହ କରିଥିଲେ । ପ୍ରଚାର କରିବାର କୌଶଳ ତାଙ୍କୁ ଭଲ ଭାବରେ ଜଣାଥିଲା । ସେ ପ୍ରଚାର ଭୂମିରେ ଅନେକ ସମସ୍ୟାର ସମ୍ମୁଖୀନ ହେବା ସହିତ ବିରୋଧୀମାନଙ୍କର ଅବିଚଳ ଭାବରେ ମୁକାବିଲା କରିଥିଲେ । ସେ ଅତ୍ୟନ୍ତ ଧୈର୍ଯ୍ୟଶୀଳ, ମିତବ୍ୟୟୀ ଏବଂ ନିର୍ଭୀକ ବ୍ୟକ୍ତି ଥିଲେ । ମୃତକଙ୍କ ପରିଜନ ମଧ୍ୟରେ ତାଙ୍କ ପତ୍ନୀଙ୍କ ବ୍ୟତୀତ ଦୁଇ ପୁତ୍ରୀ ରହିଛନ୍ତି । ତାଙ୍କର ଗୋଟିଏ ପୁତ୍ର ବଶୀରୁଦ୍ଦୀନ କ଼ାଦିର୍ ଜାମିୟା ଅହେମଦିୟା କ଼ଦିୟାନ୍‌ର ଶେଷ ବର୍ଷରେ ଅଧ୍ୟୟନରତ ଶିକ୍ଷାର୍ଥୀ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

**ପଞ୍ଚଦଶ** ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତା ମେହ୍‌ମୁଦା ବେଗମ୍ ସାହେବାଙ୍କର । ସେ କ଼ାଦିୟାନ୍‌ର ମୁହମ୍ମଦ୍ ସାଦିକ୍ ସାହେବ ଆରିଫ୍ ଦର୍‌ୱେଶ୍‌ଙ୍କର ପତ୍ନୀ ଥିଲେ । ସ୍ୱର୍ଗତା ୮୫ ବର୍ଷ ବୟସରେ ହୃଦୟର ସ୍ପନ୍ଦନ ଅଟକି ଯିବା ଫଳରେ ମୃତ୍ୟୁବରଣ କରିଥିଲେ । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।** ସ୍ୱର୍ଗତା ହ. କ଼ାଜ଼ି ଅଶ୍ରଫ୍ ଅଲୀ ସାହେବ ର.ଅଙ୍କ ସୁପୁତ୍ରୀ ଥିଲେ । ତାଙ୍କର ବିବାହ ମୁହମ୍ମଦ ଆରିଫ ସାଦିକ୍ ସାହେବ ଦର୍‌ୱେଶ୍‌ଙ୍କ ସହିତ ହୋଇଥିଲା । ସ୍ୱର୍ଗତା ନିଜ ସ୍ୱାମୀଙ୍କ ସହିତ ଦର୍‌ୱେଶୀ ଜୀବନ ଅତ୍ୟନ୍ତ ଧୈର୍ଯ୍ୟ ଏବଂ କୃତଜ୍ଞତାର ସହିତ ଯାପନ କରିଥିଲେ । ସେ ନିୟମିତ ପାଞ୍ଚବେଳା ନମାଜ ପଢୁଥିଲେ । ବରଂ ମୃତ୍ୟୁଶଯ୍ୟାରେ ମଧ୍ୟ ନମାଜ଼ ପାଇଁ ଅଧୀର ହୋଇ ପଡୁଥିଲେ । ସେ ପବିତ୍ର କୁରଆନ୍ କରୀମ୍‌ର ପାଠ ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ସେ ଚାନ୍ଦା ଦେବାରେ ନିୟମିତତା ଅବଲମ୍ବନ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ଘନିଷ୍ଠ ସଂପର୍କ ରହିଥିଲା ଏବଂ ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍ ସହିତ ଦୃଢ ସଂପର୍କ ସ୍ଥାପନ କରିବାକୁ ଉତ୍ସାହିତ କରୁଥିଲେ । ସ୍ୱର୍ଗତା ମେହ୍‌ମୁଦା ସାହେବା ୱସିୟତ୍ କରିଥିଲେ । ମୃତକାଙ୍କ ପରିଜନଙ୍କ ମଧ୍ୟରେ ତିନିଜଣ ପୁତ୍ରୀ ସାମିଲ୍ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଏମାନଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ଼୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

........................

KHULASA KHUTBA JUMA HUZOOR ANWAR a.b.a

9th April. 2021